# ଭାରତୀୟ ଜନତା ପାର୍ଟି, ଓଡିଶା

ବ୍ୟଭିଚାର ଚାଲିଥିବା ସେଲ୍ଟର ହୋମକୁ ଯାଇ ସରଜମିନ ତଦନ୍ତ କରିଲା ମହିଳା ମୋର୍ଚ୍ଚା

## ପ୍ରଶାସନର ନାକତଳେ ଚାଲିଥିଲା
## ନୀରିହ ଝିଅମାନଙ୍କ ଉପରେ ଅତ୍ୟାଚାର : ବିଜେପି

- ତୁରନ୍ତ ଇସ୍ତଫା ଦିଅନ୍ତୁ ମହିଳା ଓ ଶିଶୁକଲ୍ୟାଣ ବିକାଶ ମନ୍ତ୍ରୀ
- ଢେଙ୍କାନାଳର ଏସପି ଏବଂ କଲେକ୍ଟର ଅଫିସ ଠାରୁ ମାତ୍ର ୧୦ କିମି ଦୂରରେ ପ୍ରଶାସନର ନାକ ତଳେ କିପରି ଭାବେ ଏକ ବେଆଇନ ସେଲ୍ଟର ହୋମ ଚାଲୁଥିଲା ?
- ମହିଳାମୋର୍ଚ୍ଚାର ପ୍ରତିନିଧୀମାନଙ୍କୁ ଅନ୍ତେବାସୀମାନଙ୍କ ସହ ମିଶିବାକୁ ଦିଆଗଲାନି
- ତରବରିଆ ଭାବେ ରାତିଅଧିଆ ଝିଅମାନଙ୍କୁ କରାଯାଇଛି ସ୍ଥାନାନ୍ତରଣ
- ଜିଲ୍ଲାପାଳରେ କାହା ଚାପରେ ସବୁ ଜାଣି ଚୁପ୍ ଥିଲେ ?
- ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ନିଜେ ମାନିଛନ୍ତି କି ତଥାକଥିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ଗୁଡ ନିୟୁଜ ଇଣ୍ଡିଆ' ପକ୍ଷରୁ ଚାଲିଥିବା ସେଲ୍ଟର ହୋମ ହେଉଛି ଏକ ବେଆଇନ ସେଲ୍ଟର ହୋମ
- ଯଦି ଗୋଟିଏ ଯାଗାରେ ୧୦ ବର୍ଷ ଧରି ଏକ ବେଆଇନ ସେଲ୍ଟର ହୋମ ଚାଲୁଛି ଏହାର ଖବର ଜିଲ୍ଲା ପ୍ରଶାସନ ପାଖରେ କିପରି ନଥିଲା ?

**ଭୁବନେଶ୍ୱର, ତା.୦୨/୧୨:** ଢେଙ୍କାନାଳର ଏସପି ଏବଂ କଲେକ୍ଟର ଅଫିସ ଠାରୁ ମାତ୍ର ୧୦ କିମି ଦୂରରେ ପ୍ରଶାସନର ନାକ ତଳେ କିପରି ଭାବେ ଏକ ବେଆଇନ ସେଲ୍ଟର ହୋମ ଚାଲୁଥିଲା, ଯେଉଁଠି ସରଳ ନୀରିହ ଝିଅମାନଙ୍କୁ ବ୍ୟଭିଚାର କରାଯାଉଥିଲା ତାହା ଅତ୍ୟନ୍ତ ଉଦବେଗଜନକ ଓ ସାଙ୍ଘାତିକ କଥା । ବିଜେପି ମହିଳା ମୋର୍ଚ୍ଚାର ଏକ ପ୍ରତିନିଧୀ ଦଳ ଏହି ଘଟଣାର ସରଜମିନ ତଦନ୍ତ କରିବା ସହ ପ୍ରତ୍ୟକ୍ଷ ତଥ୍ୟ ସଂଗ୍ରହ କରିବା ପାଇଁ ଆଜି ଢେଙ୍କାନାଳ ଯାଇଥିଲେ । ହେଲେ ଜିଲ୍ଲା ପ୍ରଶାସନ ନିଜ ଦୋଷ ଦୁର୍ବଳତା ପଦାରେ ପଡିଯିବା ଭୟରେ କୌଣସି ଅନ୍ତେବାସୀଙ୍କୁ ଭେଟିବାକୁ ନଦେବା ନିହାତି ଦୁର୍ଭାଗ ଜନକ ଏବଂ ଅଗଣତାନ୍ତ୍ରିକ ବୋଲି ମହିଳା ମୋର୍ଚ୍ଚାର ସଭାନେତ୍ରୀ ପ୍ରଭାତି ପରିଡା ଅଭିଯୋଗ କହିଛନ୍ତି ।

ଶ୍ରୀମତି ପରିଡା କହିଛନ୍ତି କି ଏହି ଘଟଣାରେ ଯେଉଁ ତଥ୍ୟ ସାମନାକୁ ଆସିଛି ତାହା ଆହୁରି ସାଙ୍ଘାତିକ । ମହିଳା ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ନିଜେ ମାନିଛନ୍ତି କି ଢେଙ୍କାନାଳର ବେଲଟିକିରିଠାରେ ତଥାକଥିତ ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡ ନିୟୁଜ ଇଣ୍ଡିଆ ପକ୍ଷରୁ ଚାଲିଥିବା ସେଲ୍ଟର ହୋମ ହେଉଛି ଏକ ବେଆଇନ ସେଲ୍ଟର ହୋମ । ଯଦି ଗୋଟିଏ ଯାଗାରେ ୧୦ ବର୍ଷ ଧରି ଏକ ବେଆଇନ ସେଲ୍ଟର ହୋମ ଚାଲୁଛି ଏହାର ଖବର ଜିଲ୍ଲା ପ୍ରଶାସନ ପାଖରେ କିପରି ନଥିଲା ଏହା ଏକ ବଡ ପ୍ରଶ୍ନ । ମନ୍ତ୍ରୀ ଶ୍ରୀ ସାମଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଜିଲ୍ଲା ପ୍ରଶାସନ ଏହି ଘଟଣା ପାଇଁ ୧୦୦ ପ୍ରତିଶତ ଉତରଦାୟୀ । ନିଜ ଅପାରଗତା କାରଣରୁ ରାଜ୍ୟ ମହିଳା ଓ ଶିଶୁକଲ୍ୟାଣ ବିକାଶ ମନ୍ତ୍ରୀ ଶ୍ରୀ ସାମଲ ତୁରନ୍ତ ଇସ୍ତଫା ଦେବାକୁ ଶ୍ରୀମତୀ ପରିଡା ଦାବୀ ଜଣାଇଛନ୍ତି ।

ଜିଲ୍ଲାପାଳ କାହା ଚାପରେ ଏତେ ଦିନ ଧରି ଚୁପ ବସିଥିଲେ ଏବଂ ଆଜି ବି ମହିଳା ମୋର୍ଚ୍ଚାର ସଦସ୍ୟମାନେ ସେହି ଝିଅମାନଙ୍କୁ ଭେଟି ପାରିବେନି ବୋଲି ଉପରୁ ନିର୍ଦ୍ଦେଶ ଆସିଥିବା କଥା କହୁଥିଲେ । ହେଲେ କିଏ ସେହି ନିର୍ଦ୍ଦେଶଦାତା ଯାହା ପାଇଁ ଆଜି ନାବାଳିକାମାନଙ୍କ ଏହି ଅବସ୍ଥା ତାହା ସ୍ପଷ୍ଟ କରିବାକୁ ଶ୍ରୀମତି ପରିଡା ଦାବି କରିଛନ୍ତି ।

ରାଜ୍ୟ ମହିଳା ମୋର୍ଚ୍ଚାର ସଭାପତି ପ୍ରଭାତି ପରିଡାଙ୍କ ନେତୃତ୍ୱରେ ଯାଉଥିବା ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ଉପ ସଭାନେତ୍ରୀ ସୁକେଶୀ ଓରାମ, ରାଜ୍ୟ ସଂପାଦିକା ଲେଖାଶ୍ରୀ ସାମନ୍ତସିଂହାର, ମହିଳା ମୋର୍ଚ୍ଚା ରାଜ୍ୟ ସଂପାଦିକା ରଶ୍ମିରେଖା ଦାସ ଏବଂ ଢେଙ୍କାନାଳ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ନିରୋଜ ନଳିନୀ ମହାନ୍ତି ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତା ସାମିଲ ଥିଲେ ।

**(ବିଜେପି ମିଡିଆ ସେଲ୍)**